# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**16 June – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଜନଜାତି ଲୋକଙ୍କର ବିକାଶ ଦ୍ୱାରା ରାଜ୍ୟର ସାମୂହିକ ବିକାଶ ସମ୍ଭବ; କହିଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡାବାନ୍ତି ବ୍ୟାପିଥିବା ନେଇ କେନ୍ଦ୍ରୀୟ ଦଳଙ୍କ ସହ ଆଲୋଚନା କଲେ ସ୍ୱାସ୍ଥ୍ୟ ସଚିବ

— ଦୂଷିତ ପାଣିରୁ ଡାଇରିଆ ବ୍ୟାପିଥିବା ନେଇ ସୂଚନା

- ଶ୍ରୀମନ୍ଦିର ଅଣସର ଗୃହରେ ଜ୍ୱରରେ ପୀଡିତ ଦାରୁବ୍ରହ୍ମ ପାଇଛନ୍ତି ସାମାନ୍ୟ ଉପଶମ; ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରୀଅଲାରନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ

ଏବଂ

- ରାଜ୍ୟର ସମସ୍ତ ଜିଲ୍ଲାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ସକ୍ରିୟ; ଶୁକ୍ରବାର ପର୍ଯ୍ୟନ୍ତ ଲାଗିରହିବ ବର୍ଷାର ପ୍ରଭାବ

## ମୁଖ୍ୟମନ୍ତ୍ରୀ-ବାରିପଦା

ଆଦିବାସୀ ସମ୍ପ୍ରଦାୟଙ୍କୁ ଜଙ୍ଗଲ, ଜମି ଓ ଜୀବିକା ପ୍ରଦାନ କରିବା ସହ ସେମାନଙ୍କୁ ମୁଖ୍ୟ ଧାରାରେ ସାମିଲ କରିବା ପାଇଁ ରାଜ୍ୟ ସରକାର ନିରନ୍ତର ଚେଷ୍ଟା ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୟୂରଭଞ୍ଜ ଜିଲ୍ଲା ବାରିପଦା ଛଉପଡିଆଠାରେ ଆଦିବାସୀ ଶକ୍ତି ସମାବେଶକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ୪୦ ପ୍ରତିଶତ ଜନଜାତି ଲୋକଙ୍କର ବିକାଶ ଦ୍ୱାରା ରାଜ୍ୟର ସାମୂହିକ ବିକାଶ ସମ୍ଭବ ହୋଇପାରିବ । ରାଜ୍ୟରେ, **ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ** ଅଧୀନରେ ଜନଜାତି ସମୁଦାୟର ବିକାଶକୁ ପ୍ରୋତ୍ସାହନ ଦିଆଯାଉଛି । ଆଦିବାସୀ ସମ୍ପ୍ରଦାୟର ସମସ୍ତ ସମସ୍ୟାର ସମାଧାନ କରିବା ଓ ଆବଶ୍ୟକତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜିର ଏହି ସମାବେଶର ଆୟୋଜନ କରାଯାଇଛି ।

**- V/O - (CM)**

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଏକ ଚତୁର୍ଥାଂଶ ଆଦିବାସୀ ସମ୍ପ୍ରଦାୟର ସ୍ୱତନ୍ତ୍ର ଭାଷା, ସଂସ୍କୃତି ଓ ପରମ୍ପରା ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଦିବାସୀଙ୍କ ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି । ଧରତୀଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା, ପିଏମ୍-ଅଜୟ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ପରି

ବିଭିନ୍ନ ଯୋଜନାରେ ଜନଜାତିଙ୍କର ଉନ୍ନତି ସାଧିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡାବାନ୍ତି

ରାଜ୍ୟର ବିଭିନ୍ନ ଅଂଚଳରେ ଝାଡାବାନ୍ତି ବ୍ୟାପିଥିବା ସୂଚନା ପରିପ୍ରେକ୍ଷୀରେ ଡାଇରିଆକୁ ନିୟନ୍ତ୍ରଣ କରିବା ପାଇଁ ନୂଆଦିଲ୍ଲୀରୁ ଆସିଥିବା କେନ୍ଦ୍ରୀୟ ଦଳ ସହିତ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ୍ ସମୀକ୍ଷା ବୈଠକ କରିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ଦଳ ଡାଇରିଆ ବ୍ୟାପିଥିବା ବିଭିନ୍ନ ଅଂଚଳର ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି। ଡାଇରିଆର ପ୍ରଭାବ ବିଭିନ୍ନ ଜିଲ୍ଲାରେ  ଥିବାରୁ ଜିଲ୍ଲାପାଳମାନଙ୍କୁ ସତର୍କତାମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ମୁଖ୍ୟତଃ ଭାବେ ଦୂଷିତ ପାଣିରୁ ଡାଇରିଆ ବ୍ୟାପିଥିବା ନେଇ କେନ୍ଦ୍ରୀୟ ଦଳ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇଛି।

ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଡାଇରିଆ ପ୍ରବଣ ଅଂଚଳରେ ଥିବା ସ୍କୁଲଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବା ନେଇ ଆଲୋଚନା ହୋଇଛି। ରାଜ୍ୟ ସରକାର ସ୍କୁଲର ପ୍ରଧାନଶିକ୍ଷକଙ୍କ ସମେତ ବ୍ଲକ୍ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍ୱଚ୍ଛ ପରିବେଶରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲ୍ଲାରେ ଆଜି ୪୯ଟି ନମୁନା ମଧ୍ୟରୁ ୧୬ଟିରେ କଲେରା ଭୂତାଣୁ ଚିହ୍ନଟ ହୋଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

ଜିଲ୍ଲା ଶିକ୍ଷାବିଭାଗ ଓ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗକୁ ସ୍କୁଲଗୁଡ଼ିକରେ ପାନୀୟ ଜଳ ଉପଲବ୍ଧ କରାଇବା ପାଇଁ ଦାୟିତ୍ୱ ଦିଆଯାଇଛି।

**ଭଦ୍ରକ** ଜିଲ୍ଲାରେ ୩୩ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ବୋଲି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ସୁଧିର ରଞ୍ଜନ ନାୟକ କହିଛନ୍ତି।

## ଓଷୁଅ ଲାଗି

ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଜ୍ୱରରୁ ଉପଶମ ପାଇବା ପାଇଁ ଦଇତାପତି ଓ ପତି ମହାପାତ୍ର ସେବକମାନେ ଗୁପ୍ତ ସେବାରେ ଲାଗିଛନ୍ତି। ଶ୍ରୀବିଗ୍ରହମାନଙ୍କୁ ପଂଚମୀତିଥିରେ ଫୁଲୁରି ତେଲ ଶ୍ରୀଅଙ୍ଗରେ ଲାଗି ହେବା ପରେ ମହାପ୍ରଭୁ ଜ୍ୱରରୁ ସାମାନ୍ୟ ଉପଶମ ପାଇଛନ୍ତି।

ଷଷ୍ଠୀ ତିଥିରେ  ଗତକାଲି ଏବଂ ଆଜି ମଧ୍ୟ ସୁଦୁସୁଆରଙ୍କ ଘରୁ ଆସିଥିବା ଓଷ ମହାପ୍ରଭୁଙ୍କୁ ଲାଗି କରାଯାଉଛି। ଦେବସ୍ନାନ ପୂର୍ଣ୍ଣିମା ମଧ୍ୟରାତ୍ରୀରୁ ଅଣସର ଗୃହରେ ଚତୁର୍ଦ୍ଧାମୂର୍ତ୍ତି ପ୍ରବେଶ କରିଛନ୍ତି। ଦଇତାପତି ଓ ପତିସେବକଙ୍କ ନିଷ୍ଠାପର ସେବାରେ ଦାରୁବ୍ରହ୍ମ ଧୀରେଧୀରେ ସୁସ୍ଥ ହେଉଛନ୍ତି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଅନବସର ଗୁପ୍ତ ଚିକିତ୍ସା ସମ୍ପର୍କରେ ଦଇତାପତି ସେବକ **କିର୍ତ୍ତୀଦାସ ମହାପାତ୍ର** ଆକାଶବାଣୀକୁ କହିଛନ୍ତି.....

**- V/O -** *(କିର୍ତ୍ତୀଦାସ ମହାପାତ୍ର)*

ଶ୍ରୀଜୀଉଙ୍କର ସ୍ୱାସ୍ଥ୍ୟ ଉପଚାର ସମୟରେ ବ୍ରହ୍ମଗିରିର ଶ୍ରୀଅଲାରନାଥ ପୀଠରେ ଦାରୁବ୍ରହ୍ମ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି ବୋଲି ପୁରାଣରେ ବର୍ଣ୍ଣିତ ଅଛି । ଏ ସମ୍ପର୍କରେ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟ...

*ଦାରୁବ୍ରହ୍ମ ଅସୁସ୍ଥ ହୋଇ ଜ୍ୱରରେ ପୀଡିତ ହେବା ପରେ ଅଣସର ପିଣ୍ଡିକୁ ୧୩ ଦିନ ପାଇଁ ବିଜେ କରିଛନ୍ତି । ପୁରାଣଶାସ୍ତ୍ର ଅନୁସାରେ, ଶ୍ରୀକ୍ଷେତ୍ର ଧାମର ପଶ୍ଚିମ ଭାଗରେ ଯେଉଁ ପବିତ୍ର ଧାମ ରହିଛି ତାହା ବ୍ରହ୍ମଗିରି ନାମରେ ପ୍ରସିଦ୍ଧ ।  ଭକ୍ତମାନେ ପ୍ରଭୁଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳ ହେବାରୁ ସ୍ୱୟଂ ଚତୁର୍ଦ୍ଧାମୂର୍ତ୍ତି ବ୍ରହ୍ମନାରାୟଣ ଭାବରେ ନୀଳଗିରିରୁ ଆସି ବ୍ରହ୍ମଗିରି ଧାମରେ ଶ୍ରୀଅଲାରନାଥ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଶ୍ରୀମନ୍ଦିରର ଭୋଗନୀତି ପରେ ଶ୍ରୀଅଲାରନାଥଙ୍କ ପୀଠରେ ମଧ୍ୟ ଅନ୍ନ, ଖେଚୁଡି, ଡାଲି ଏବଂ ଅନ୍ୟ ବ୍ୟଞ୍ଜନ ସହିତ କ୍ଷୀରି ଭୋଗ କରାଯାଇଥାଏ । ଶ୍ରୀଅଲାରନାଥଙ୍କର କ୍ଷୀରି ଭୋଗ ସବୁଠାରୁ ଅତି ପ୍ରିୟ । ଏଇ ସମୟରେ ପ୍ରାୟ ପ୍ରତ୍ୟେକ ଦିନ ରୋଷଘରେ ୫୦ ହଣ୍ଡା ଖିରି ପ୍ରସ୍ତୁତ ହୋଇଥାଏ । ଶ୍ରୀମନ୍ଦିର ଭଳି ଶ୍ରୀଅଲାରନାଥଙ୍କ ପୀଠରେ ପ୍ରତ୍ୟେକ ଦିନ*

*ଆଳତୀ, ଅବକାଶ, ବଲ୍ଲଭ, ଚନ୍ଦନଲାଗି, ବଡ଼ସିଂହାର ବେଶ, ଅନ୍ନଭୋଗ, ପହୁଡ ଆଦି ନୀତି ଅନୁଷ୍ଠିତ ହୋଇଥାଏ।*

ସ୍ମୃତିରେଖା ତାରେଣିଆ, ଆକାଶବାଣୀ ସମ୍ବାଦ ବିଭାଗ

## ଅଭିଯୋଗ କମିଟି ଗଠନ

ସରକାରୀ ଓ ଘରୋଇ ଅନୁଷ୍ଠାନରେ ଲିଙ୍ଗଗତ ଆଇନ୍‌ର ସୁପରିଚାଳନା ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବା ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲିଙ୍ଗଗତ ନିର୍ଯାତନା ନିବାରଣ ଆଇନ୍-୨୦୧୩ ଅନୁଯାୟୀ ରାଜ୍ୟର ସରକାରୀ, ବେସରକାରୀ ଅନୁଷ୍ଠାନରେ ଆଇସିସି ଗଠନ ସମ୍ପର୍କରେ ସର୍ଭେ କରିବାକୁ ସୁପ୍ରିମକୋର୍ଟ ପକ୍ଷରୁ କୁହାଯାଇଛି। ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ସର୍ଭେ ଶେଷ କରି ରିପୋର୍ଟ ଦାଖଲ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

## ସାହିତ୍ୟ ଏକାଡେମୀ

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତବର୍ଷ ଯୁବ ପୁରସ୍କାର ଓ ବାଲ୍‌ପୁରସ୍କାର ଘୋଷଣା କରାଯାଇଛି। 'କଦମ୍ବବନ' ପାଇଁ ସୁବ୍ରତ କୁମାର ସେନାପତି ଓ 'କେତେ ଫୁଲ ଫୁଟିଛି' ବହି ପାଇଁ ରାଜକିଶୋର ପାଢ଼ୀ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି।

## ଓଟିଇଟି

ଶିକ୍ଷକତା ବୃତ୍ତିରେ ଥିବା ୭୫ ହଜାର ୪୦୩ ଜଣ ଇନ୍‌ସର୍ଭିସ୍ ଶିକ୍ଷକ-ଓଟିଇଟି ପାଇଁ ଆବେଦନ କରିଥିବା ଜଣାପଡିଛି । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କେବଳ ଇନ୍ ସର୍ଭିସ ଶିକ୍ଷକଙ୍କ ଲାଗି ସ୍ୱତନ୍ତ୍ର ଓଟିଇଟି ବ୍ୟବସ୍ଥା କରାଯାଇଛି । ଶିକ୍ଷକମାନେ ପଦୋନ୍ନତି ପାଇବାକୁ ହେଲେ ଓଟିଇଟି ବାଧ୍ୟତାମୂଳକ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ପଦୋନ୍ନତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଓଟିଇଟି ଆବେଦନ ସଂଖ୍ୟା ବୃଦ୍ଧି ପାଇଛି । ଗଣଶିକ୍ଷା ବିଭାଗର ଏହି ନିଷ୍ପତ୍ତି ଅନୁସାରେ, ୨୦୧୧ ପୂର୍ବରୁ ଚାକିରି ପାଇଥିବା ଶିକ୍ଷକ, ଗଣଶିକ୍ଷକ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକମାନେ ଏହି ଓଟିଇଟି ପରୀକ୍ଷା ଦେଇପାରିବେ ।

## ଟାସ୍କଫୋର୍ସ୍ ବୈଠକ

**ନୟାଗଡ଼** ଜିଲ୍ଲାରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ୍ ବୈଠକ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ସମ୍ପର୍କରେ ପରାମର୍ଶ ଦିଆଯାଇଛି । ଅଭିଯାନରେ ଲୋକଙ୍କୁ ସଚେତନ କରାଯିବା ସହ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଥିବା ଜଳଉତ୍ସଗୁଡ଼ିକ ବିଶୋଧନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସୁଶାନ୍ତ କୁମାର ଦାସ ଉପସ୍ଥିତ ଥିଲେ ।

## ଆଇଆଇଏମ୍‌ସି ଆଡ୍‌ମିଶନ

**ଢେଙ୍କାନାଳ**ସ୍ଥିତ ଭାରତୀୟ ଜନସଂଚାର ପ୍ରତିଷ୍ଠାନ-ଆଇ.ଆଇ.ଏମ୍.ସିରେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପାଇଁ ଖାଲି ପଡିଥିବା କେତେକ ସିଟ୍ ଆସନ୍ତାକାଲି ସ୍ପଟ୍ ଆଡମିଶନ କରାଯିବ। ନାମଲେଖା ପ୍ରକ୍ରିୟା ସ୍ୱତନ୍ତ୍ର ଭାବେ ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ବର୍ଗ ସହିତ ସାଧାରଣ ବର୍ଗର ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ସ୍ପଟ୍ ରାଉଣ୍ଡ ନାମଲେଖା ସମୟରେ ଲିଖିତ ପରୀକ୍ଷା ଓ ସାକ୍ଷାତକାର ଦେବାକୁ ପଡିପାରେ।

## ପାଣିପାଗ

ଦେଶର ଉଭୟ ପଶ୍ଚିମ ଓ ପୂର୍ବ ଭାଗରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପଶ୍ଚିମ ଭାଗରେ ଲଘୁଚାପ ଦକ୍ଷିଣ ଗୁଜରାଟ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳ ଏବଂ ପୂର୍ବ ଭାଗରେ ଦକ୍ଷିଣ-ପଶ୍ଚିମ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକାରେ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ଲଘୁଚାପର ପ୍ରଭାବରେ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ଥିବାରୁ ଏହାର ପ୍ରଭାବରେ ରାଉରକେଲା, ଜଗତ୍‌ସିଂହପୁର, ବଲାଙ୍ଗିର, ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର, କଟକ,

ଅନୁଗୁଳ, ବାରିପଦା ଏବଂ ପାରାଦ୍ୱୀପ ଅଂଚଳରେ ବର୍ଷାର ପରିମାଣ ଅଧିକ ରହିବ ବୋଲି ଅନୁମାନ କରାଯାଇଛି ।